# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 April - 2025**

## ମୁଦ୍ରାଲୋନ୍

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ଆଜି ୧୦ବର୍ଷ ପୂରଣ ହୋଇଛି । ଆଜି ସୁଦ୍ଧା ୫୨କୋଟିରୁ ଅଧିକ ଋଣ ଯୋଗାଇ ଦିଆଯାଇଛି । ଏହାର ପରିମାଣ ୩୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ୨୦୧୫ ମସିହା ଏପ୍ରିଲ ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ଏଥିରେ ଅଣୁ, କ୍ଷୁଦ୍ର ଏବଂ ଅନ୍ୟ ଶିଳ୍ପଗୁଡ଼ିକୁ ବିନା ବନ୍ଧକରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ସଂପୃକ୍ତ ଯୋଜନାରେ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସାମିଲ କରିବା ଉଦ୍ଦେଶ୍ୟରେ ଋଣ ଦିଆଯାଇଥାଏ । ଯୋଜନାରେ ଅନେକଗୁଡ଼ିଏ ବର୍ଗ ପାଇଁ ଋଣ ବ୍ୟବସ୍ଥା କରାଯାଇଛି । ଏଥିରେ ଶିଶୁବର୍ଗ ବାବଦରେ ସର୍ବାଧିକ ୫୦ ହଜାର ଟଙ୍କା ଋଣ ଦିଆଯାଉଥିବା ବେଳେ  କିଶୋର ବର୍ଗରେ ୫୦ ହଜାରରୁ ୫ଲକ୍ଷ, ତରୁଣବର୍ଗରେ  ୫ ଲକ୍ଷରୁ ୧୦ ଲକ୍ଷ ଏବଂ ତରୁଣ ପ୍ଲସ୍ ବର୍ଗରେ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥାଏ । ସୂଚନା ଅନୁଯାୟୀ ମୁଦ୍ରା ଋଣ ନେଇଥିବା ଗ୍ରାହକଙ୍କ ମଧ୍ୟରେ ୭୦ ପ୍ରତିଶତରୁ ଅଧିକ ମହିଳା ଉଦ୍ୟୋଗୀ ଅଛନ୍ତି । ୫୦ ପ୍ରତିଶତରୁ ଅଧିକ ମୁଦ୍ରାଋଣ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଉଦ୍ୟୋଗୀଙ୍କୁ ପ୍ରଦାନ କରାଯାଇଛି ।

# ବିଧି ଆୟୋଗ

ଭୁବନେଶ୍ୱରସ୍ଥିତ ତୋଷାଳି ଭବନ ପରିସରରେ ରାଜ୍ୟ ବିଧି ଆୟୋଗ କାର୍ଯ୍ୟାଳୟକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଛନ୍ତି । ଏହି ଆୟୋଗ ରାଜ୍ୟରେ ପ୍ରଚଳିତ ଆଇନର ତର୍ଜମା, ପରିବର୍ତ୍ତନ ଏବଂ ସଂଶୋଧନ କରିବା ଦିଗରେ ସରକାରଙ୍କୁ ପରାମର୍ଶ ଦେବ । ୧୯୬୯ ମସିହାରେ ଗଠିତ ରାଜ୍ୟ ଆଇନ ସଂଶୋଧନ କମିଟିକୁ ଅଧିକ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ବିଧି ଆୟୋଗ ଗଠନ କରିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ପ୍ରଚଳିତ ଆଇନର ତର୍ଜମା ଓ ଅଦରକାରୀ ଆଇନ ଉଚ୍ଛେଦ ଦିଗରେ ବିଧି ଆୟୋଗ କାର୍ଯ୍ୟ କରିବ ।

# ରକ୍ତଦାନ ଦିବସ

ଓଡ଼ିଆ ପକ୍ଷ ୨୦୨୫ ଅବସରରେ ଆଜି ରକ୍ତଦାନ ଦିବସ ପାଳନ କରାଯାଉଛି । ଏହି ଉପଲକ୍ଷେ ଜିଲ୍ଲା ସଦରମହକୁମାରେ ଥିବା ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଏହା ଅଧୀନରେ ଥିବା ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜିତ ହେଉଛି । ସୂଚନା ଅନୁଯାୟୀ, ସ୍ୱେଚ୍ଛାକୃତ ରକ୍ତଦାନ ଭଳି  ମହତ କାର୍ଯ୍ୟ ଲାଗି ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରକ୍ତଦାନ ଦିବସ ପାଳନ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱେଚ୍ଛାକୃତ ରକ୍ତଦାନ କରି ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ଏଆଇ ଟୁଲ୍

ରାଜ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଆନ୍ଥ୍ରୋପୋମେଟିକ୍ ଟୁଲ୍ ଆରମ୍ଭ ହୋଇଛି । ଗତକାଲି ଭୁବନେଶ୍ୱର ଆଇସିଏମ୍ଆର୍ ଅଡିଟୋରିୟମ୍ ହଲ୍‌ରେ ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ **ଏଆଇ ଉପକରଣ** ଶୀର୍ଷକ ୫ ଦିନିଆ ତାଲିମ କର୍ମଶାଳାକୁ  ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁବାସ ଶର୍ମା ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ଆନ୍ଥ୍ରୋମେଟିକ୍ ତଥା ଓଜନ ମାପ କରାଯିବା ସହ ପ୍ରାରମ୍ଭିକ ଅବସ୍ଥାରେ କୁପୋଷଣ ଚିହ୍ନଟ କରାଯାଇ ପାରିବ । ଏହି ପଦକ୍ଷେପ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ସମଗ୍ର ଦେଶରେ ପ୍ରଥମ ରାଜ୍ୟ । ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ତଥ୍ୟ ସଂଗ୍ରହ କରାଯିବ ।

## ଉପମୁଖ୍ୟମନ୍ତ୍ରୀ-ସ୍ୱୟଂସହାୟକ ଗୋଷ୍ଠୀ

ରାଜ୍ୟରେ ସ୍ୱୟଂସହାୟକ ଗୋଷ୍ଠୀ ଢ଼ାଞ୍ଚାରେ ସଂପୂର୍ଣ୍ଣ ପରିବର୍ତ୍ତନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ମିଶନଶକ୍ତି ବିଭାଗ ଦ୍ୱାରା ପ୍ରତ୍ୟେକ ପରିବାରକୁ ସ୍ୱୟଂସହାୟକ ଗୋଷ୍ଠୀ ସହ ଯୋଡ଼ାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ସୁଭଦ୍ରା ଦ୍ୱିତୀୟ ପର୍ଯ୍ୟାୟରୁ ବାଦ୍

ପଡ଼ିଥିବା ହିତାଧିକାରୀଙ୍କ ସର୍ଭେ କରାଯାଇ ସେମାନଙ୍କୁ ଟଙ୍କା ପ୍ରଦାନ ଲାଗି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀମତୀ ପରିଡ଼ା ଘୋଷଣା କରିଛନ୍ତି ।

# ନଗର ଉନ୍ନୟନମନ୍ତ୍ରୀ

ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି କନ୍ଧମାଳ ଜିଲ୍ଲାପରିଷଦ ଭବନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବେ । ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମକୁ ସୂଚନା ଦେବାର କାର୍ଯ୍ୟକ୍ରମ ରହିଛି ।

# ତାରାତାରିଣୀ

ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀଦେବୀ ମା’ ତାରାତାରିଣୀ ଚୈତ୍ରପର୍ବର ଆଜି ଚତୁର୍ଥ ତଥା ଶେଷ ମଙ୍ଗଳବାରରେ ବାସନ୍ତୀକ ମହାଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ରାତି ଦୁଇଟାରେ ଦ୍ୱାରଫିଟା ଓ ଅବକାଶ ନୀତି, ମଙ୍ଗଳ ଆଳତୀ ପରେ ମା’ଙ୍କୁ ବାସନ୍ତୀକ ଦୁର୍ଗା ବେଶରେ ସୁସଜ୍ଜିତ କରାଯାଇଛି । ହଜାର ହଜାର ଶ୍ରଦ୍ଧାଳୁ ଏବଂ ମାନସିକଧାରୀ ମା’ଙ୍କ ପୀଠରେ ପହଞ୍ଚିଛନ୍ତି । ଏ ସଂପର୍କରେ ମୁଖ୍ୟ ସେବାୟତ ବାବୁଜୀ ରଣା କହିଛନ୍ତି ।

**V/O**

# ପୂର୍ବତଟ ରେଳପଥ

୨୦୨୪-୨୫ ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ରେକର୍ଡ କରିଛି । ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ୨୮୧ କିଲୋମିଟରରୁ ଅଧିକ ନୂତନ ରେଳ ଲାଇନ ଏବଂ ମଲ୍‌ଟି ଟ୍ରାକିଙ୍ଗ୍ ସଂଯୋଗ ସଫଳତାର ସହ ଶେଷ କରିଛି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନରେ ୫୦ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି । ଏଥିରେ କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ଏବଂ ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ରେଳ ଲାଇନ୍‌ର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ରହିଛି ।

# ସବ୍‌ଷ୍ଟେସନ

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର ଠାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ୩୩ କେଭି ପାଓ୍ୱାର ସବ୍‌ଷ୍ଟେସନର ଲୋକାର୍ପଣ କରିଛନ୍ତି । ଏହାଦ୍ୱାରା ୧୯ ଜନବସତିର ୪ ହଜାରରୁ ଅଧିକ ଘରୋଇ ବ୍ୟବସାୟୀକ ଶିଳ୍ପ ତଥା କୃଷିଭିତ୍ତିକ ଉପଭୋକ୍ତା ଉପକୃତ ହେବେ ।

# ଜନସଂପର୍କ

ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଅନ୍ତର୍ଗତ ଜାମଗାଁଓଠାରେ ସିଆରପିଏଫ୍ ୨୧୬ ବାଟାଲିୟନ୍ ତରଫରୁ ଜନସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସେକ୍ଟର ଭୁବନେଶ୍ୱର ଆଇଜିପି

ଅମରେନ୍ଦ୍ର ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ ରୋଜଗାରକ୍ଷମ କରିବା ଲାଗି ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା ।

# ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତକାଲିଠାରୁ ୭୩ ତମ ସର୍ବଭାରତୀୟ ପୋଲିସ୍ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି । ପ୍ରଥମ ଦିନରେ ବିଏସଏଫ ତେଲଙ୍ଗାନା ପୋଲିସ୍ ଦଳକୁ ବିଏସଏଫ୍ ୯-୨ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ଆଇଟିବିପି ୯-୧ ଗୋଲ୍‌ରେ ଉତ୍ତରାଖଣ୍ଡ ପୋଲିସ ଦଳକୁ ପରାସ୍ତ କରିଛି । ତୃତୀୟ ମ୍ୟାଚ୍‌ରେ ଝାଡ଼ଖଣ୍ଡ ପୋଲିସ୍ ୪-୧ ଗୋଲ୍‌ରେ ଛତିଶଗଡ଼ ପୋଲିସ ଦଳକୁ ପରାସ୍ତ କରିଛି ।